# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ ପାଳିତ

**ତା -୨୯/୦୮/୨୦୨୨**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ ତମ ପବିତ୍ର ଜୟନ୍ତୀ ସମାରୋହ ଅଦ୍ୟ ତା -୨୯/୦୮/୨୦୨୨ ରିଖ ଦିନ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ବିଦ୍ୟାଳୟରେ ମହାଡମ୍ବରେ ପାଳନ କରାଗଲା । ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର assistant professor ଡ଼. ନୂତନ ଖମାରୀ ମହୋଦୟ ଯୋଗଦାନ କରିଥିଲେ।

ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ୍ ଚୌଧୁରୀ ମହୋଦୟଙ୍କ ପ୍ରେରଣାକ୍ରମେ ଉକ୍ତ ସଭା ଆୟୋଜିତ ହୋଇଥିଲା । ଅଧକ୍ଷ, ମୁଖ୍ୟ ଅତିଥି,ବିଭାଗୀୟ ମୁଖ୍ୟ ତଥା ଅନ୍ୟାନ୍ୟ ଅଧାପିକା ଠାକୁରଙ୍କ ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମଟିର ଶୁଭାରମ୍ଭ ହୋଇଥିଲା। ଭାରତୀୟ ସଂସ୍କୃତି ଅନୁଯାୟୀ ଉପସ୍ଥିତ ଅତିଥି ଏବଂ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକାଙ୍କୁ ଫୁଲ ଚନ୍ଦନ , ବ୍ୟାଜ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସତ୍କାର କରାଯାଇଥିଲା । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀମତୀ ଡ଼. ସରିତା କିଣ୍ଡୋ ଅତିଥି ପରିଚୟ ପ୍ରଦାନ କରିବା ସହ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ କାବ୍ୟ କୃତି ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଛାତ୍ରୀମାନେ କବି ଗଙ୍ଗାଧର ମେହେରଙ୍କ ବ୍ୟକ୍ତିତ୍ୱ ଓ କାବ୍ୟ - କବିତା ଉପରେ ପ୍ରସ୍ତୁତ ବକ୍ତବ୍ୟ ଉପସ୍ଥାପନ କରିବା ସହିତ କବିଙ୍କ ବିରଚିତ ଭକ୍ତି କବିତା - ବିଶ୍ୱ ଦେଖ ମଧୁମୟ,ଏବଂ ବିଶ୍ୱ ଜୀବନ ହେ ତୁମକୁ କରୁଣା ସିନ୍ଧୁ କବିତାକୁ ସୁନ୍ଦର ଭାବରେ ଗାନ କରିଥିଲେ । ମୁଖ୍ୟ ଅତିଥି ନୂତନ ଖମାରୀ ମହୋଦୟ କବି ଗଙ୍ଗାଧର ମେହେରଙ୍କ ବ୍ୟକ୍ତିତ୍ୱରେ ଥିବା ମହନୀୟ ଗୁଣାବଳୀ ପ୍ରତି ଛାତ୍ରୀଙ୍କୁ ଅନୁପ୍ରାଣିତ ହେବାକୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଅଧାପକ ଶ୍ରୀଯୁକ୍ତ ସପନ୍ କୁମାର ପଣ୍ଡା ମହଦୋୟ ଉକ୍ତ ସଭାରେ କବି ଗଙ୍ଗାଧର ମେହେରଙ୍କ ସ୍ମରଣ କରି ତାଙ୍କର କାଳଜୟୀ କୃତି ତପସ୍ୱିନୀ କାବ୍ୟର ୪ର୍ଥ ସର୍ଗ "ମଙ୍ଗଳେ ଉଇଁଲେ ଉଷା" କବିତାକୁ ଗାଇବା ପାଇଁ ଆରମ୍ଭ କରନ୍ତେ ତାଙ୍କୁ ଅନୁସରଣ କରି ସଭାରେ ଉପସ୍ଥିତ ସମସ୍ତ ଛାତ୍ରୀ ତଥା ଅଧାପକ,ଅଧାପିକା ସମବେତ ଭାବରେ ଗାଇ ଉଠିବା ଦ୍ୱାରା ପରିବେଶଟି ମଧୁମୟ ହୋଇଉଠିଥିଲା।

ଉପାଧକ୍ଷ ଶ୍ରୀମତୀ କୌଶଲ୍ୟା ଅଗ୍ରୱାଲ ମହଦୋୟା କବି ଗଙ୍ଗାଧର ମେହେରଙ୍କ କାବ୍ୟରେ ତତ୍କାଳୀନ ସମାଜରେ ନାରୀର ଯେଉଁ ସମ୍ମାନ ଥିଲା ତାହା ତପସ୍ୱିନୀ କାବ୍ୟରେ କିପରି ପ୍ରତିଫଳିତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ମହାଦୋୟ କବି ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ କବିଙ୍କ ସାହିତ୍ୟକୃତିରେ ଥିବା ଆଦର୍ଶ, ବିଭୂଚେତନ ତଥା ତ୍ୟାଗର କଥା କହିଥିଲେ। ପରେ ଗତ ତା - ୨୭/୦୮/୨୦୨୨ ରିଖ ଦିନ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯଗିତା ଯଥା - ଚିତ୍ରାଙ୍କନ, ବକ୍ତୃତା, କବିତା ଗାନ,ଏବଂ କୂଟପ୍ରଶ୍ନ (କୁଇଜ୍) ରେ କୃତିତ୍ୱ ଛାତ୍ରୀଙ୍କୁ ଅଧକ୍ଷ,ଅତିଥି ହସ୍ତରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଭାଗୀୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ବିଭିନ୍ନ ସମ୍ବଲପୁରୀ ଗୀତାର ତାଳେ ତାଳେ ଛାତ୍ରୀମାନଙ୍କର ମନଲୋଭା ନୃତ୍ୟ ପରିବେଶକୁ ରଙ୍ଗାରଙ୍ଗମୟ କରିଥିଲେ। ପରିଶେଷରେ ଓଡ଼ିଆ ଅଧାପିକା ରଜନୀ ଓରାମ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ପରେ ସଭା କାର୍ଯ୍ୟ ସମାପନ ହୋଇଥିଲା ।


Shot on realme 8 Pro | 108MP
2022.08.29 13:26


Shot on realme 8 Pro | 108MP
2022.08.29 11:56


GPS Map Camera
Main Rd
Google
Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha 770017, India
Lat 22.191512°
Long 84.577139°
29/08/22 11:45 AM


Shot on realme 8 Pro | 108MP
2022.08.29 14:08

## ସ୍ୱଭାବକବି ଗଙ୍ଗାଧରଙ୍କ ଜୟନ୍ତୀ ସମାରୋହ

# 'ତପସ୍ୱିନୀରେ ନାରୀ ଚରିତ୍ରଚିତ୍ରଣ ମହିମାନ୍ୱିତ ହୋଇଛି'



ରାଜଗାଙ୍ଗପୁର,୩୦।୮(ଇମିସ): 'ତତ୍କାଳୀନ ସମାଜର ବୃହତ୍ତର ଚିତ୍ର ଗଙ୍ଗାଧରଙ୍କ ରଚନାରେ ପ୍ରତିଫଳିତ ହୋଇଛି। ଗଙ୍ଗାଧରୀୟ କାବ୍ୟ ବିଶେଷକରି ତପସ୍ୱିନୀରେ ନାରୀ ଚରିତ୍ରକୁ ଯେପରି ମହିମାନ୍ୱିତ ଓ ସଶକ୍ତ ଭାବେ ଚିତ୍ରଣ କରାଯାଇଛି ତାହାର ତୁଳନା ନାହିଁ' ବୋଲି ରାଜଗାଙ୍ଗପୁର ସରସ୍ୱତୀ ଦେବୀ ମହିଳା ବିଦ୍ୟାଳୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ କହିଛନ୍ତି। ଅଧ୍ୟକ୍ଷ ବିପିନ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନୂତନ ଖମାରୀ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା କୌଶଲ୍ୟ ଅଗ୍ରୱାଲ, ଅଧ୍ୟାପକ ସପନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟକୃତି ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ସରିତା କିଣ୍ଡୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରଜନୀ ଓରାମ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ୱଭାବକବିଙ୍କ ଜୟନ୍ତୀ ସମାରୋହ

ରାଜଗାଙ୍ଗପୁର, ୩୦।୮ (ନି.ପ୍ର) : ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୧ ତମ ଜୟନ୍ତୀ ସମାରୋହ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ବିଦ୍ୟାଳୟରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ନୂତନ ଖମାରୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ୍ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡଃ ସରିତା କିଣ୍ଡୋ ଅତିଥି ପରିଚୟ ପ୍ରଦାନ କରିବାସହ ଗଙ୍ଗାଧର ମେହେରଙ୍କ କାବ୍ୟକୃତି ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନେ କବିଙ୍କ ବ୍ୟକ୍ତିତ୍ୱ ଓ କାବ୍ୟକବିତା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସପନ କୁମାର ପଣ୍ଡା ଓ ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମାନେ ସ୍ୱଭାବକବିଙ୍କ ସ୍ମରଣକରି ତାଙ୍କର କାଳଜୟୀ କୃତି ତପସ୍ୱିନୀ କାବ୍ୟର 'ମଙ୍ଗଳେ ଉଇଁଲେ ଉଷା' ଗାନ କରିଥିଲେ। ଉପାଧ୍ୟକ୍ଷ କୌଶଲ୍ୟା ଅଗ୍ରୱାଲ ଉପସ୍ଥିତ ଥିବା ବେଳେ ଅଧ୍ୟାପିକା ରଜନୀ ଓରାମ ଧନ୍ୟବାଦ ଦେଇଥିଲେ।